



# ୧୨

# ବିବାହ (MARRIAGE)

**ଆ**ପଣ ମାନେ ଜାଣିଥିବେ ଯେ ବିବାହ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସଂପର୍କ । ଏହା ପୃଥିବୀର ସବୁ ସ୍ଥାନରେ ଦେଖାଯାଏ । ବିବାହ ମାଧ୍ୟମରେ ଦୁଇ ବିପରୀତ ଲିଙ୍ଗର ବ୍ୟକ୍ତି ସ୍ୱାମୀ ଓ ସ୍ତ୍ରୀ ହିସାବରେ ଏକାଠି ରହିବା ପାଇଁ ସାମାଜିକ ସ୍ୱୀକୃତି ପାଇଥା'ନ୍ତି । ବିବାହ, ବର ଓ କନ୍ୟାର ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରେ । ଆପଣ ମାନେ ସମାଜରେ ହେଉଥିବା ବିବାହ ସଂପର୍କୀୟ ଉତ୍ସବ ଓ ଖୁସିରେ ନିଶ୍ଚିତ ଅଂଶ ଗ୍ରହଣ କରିଥିବେ ।

ବିବାହର ମହତ୍ତ୍ୱ ସମାଜରେ ପ୍ରତିଫଳିତ ହୋଇଥାଏ । ଏହି ଅଧ୍ୟାୟ ରେ ଆପଣ ଏହି ମହତ୍ତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନ ସହିତ ପରିଚିତ ହେବେ ।

### ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢିବା ପରେ ଆପଣ,**

- ⇨ ବିବାହର ପରିଭାଷା ବା ସଂଜ୍ଞା ଦେଇ ପାରିବେ,
- ⇨ ବିବାହର ବିଭିନ୍ନ ପ୍ରକାରକୁ ବର୍ଣ୍ଣନା କରି ପାରିବେ,
- ⇨ ବିବାହର ପ୍ରକାର୍ଯ୍ୟ ସବୁକୁ ବ୍ୟାଖ୍ୟା କରିପାରିବେ,
- ⇨ ହିନ୍ଦୁ ବିବାହକୁ ଏକ ଧାର୍ମିକ ସଂସ୍କାର ଭାବେ ଦର୍ଶାଇ ପାରିବେ,
- ⇨ ମୁସଲମାନ ବିବାହକୁ ଏକ ଚୁକ୍ତି ଭାବେ ବ୍ୟାଖ୍ୟା କରିପାରିବେ; ଏବଂ
- ⇨ ବିବାହର ଅନୁଷ୍ଠାନ ରେ ହେଉଥିବା ପରିବର୍ତ୍ତନ ମାନଙ୍କୁ ବୁଝାଇ ପାରିବେ ।

## ୧୨.୧ ବିବାହର ଅର୍ଥ ଓ ସଂଜ୍ଞା (Meaning and Definition of Marriage)

ପୁରୁଷ ଓ ନାରୀର ଶାରିରୀକ, ମନସ୍ତାତ୍ତ୍ୱିକ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଆବଶ୍ୟକତାର ପରିପୂରଣ କରିବାର ଏକ ଅନୁଷ୍ଠାନ ହେଲା ବିବାହ । ଏହା ପୁରୁଷ ଓ ନାରୀକୁ, ପରିବାର ଗଠନ କରିବା ନିମନ୍ତେ ଏକ ସ୍ଥିର ସଂପର୍କ ସ୍ଥାପନ କରିବାକୁ ସ୍ୱୀକୃତି ପ୍ରଦାନ କରିଥାଏ ।

ଟୀପ୍ପଣୀ

ସ୍ଥାୟୀ ସଂପର୍କ ମାଧ୍ୟମରେ ଯୌନ ସଂମ୍ବନ୍ଧୀୟ କାର୍ଯ୍ୟକଳାପର ନିୟନ୍ତ୍ରଣ କରିବା ହେଉଛି ବିବାହର ମୁଖ୍ୟ ଉଦ୍ଦେଶ୍ୟ । ଏହି ନିୟନ୍ତ୍ରଣ ଅତି ଆବଶ୍ୟକ, କାରଣ ଯଦି ସମାଜରେ ଲୋକ ମାନଙ୍କର ଯୌନ କାମନାକୁ ନିୟନ୍ତ୍ରଣ ନ କରାଯାଏ, ତାହାହେଲେ ସମାଜରେ ବିଭିନ୍ନ ବିଶୃଙ୍ଖଳା ଦେଖାଯାଏ । ଏହା ଦ୍ୱାରା ଯୌନ ସାଥୀ ପାଇବା ପାଇଁ ଅନାବଶ୍ୟକ ପ୍ରତିଦ୍ୱନ୍ଦିତା ସୃଷ୍ଟି ହୋଇଯାଇ ପାରେ ।

ତେଣୁ ପ୍ରତ୍ୟେକ ସମାଜରେ, ଏହାର ସଦସ୍ୟମାନଙ୍କର ଯୌନ ସଂପର୍କକୁ ନିୟନ୍ତ୍ରଣ କରିବା ପାଇଁ ଅନୁଷ୍ଠାନ ମାନ ବିକଶିତ ହୋଇଛନ୍ତି । ବିବାହ ହେଉଛି ସେହିଭଳି ଏକ ସାମାଜିକ ଅନୁଷ୍ଠାନ । ଏହା ସହିତ, ବିବାହ ମାଧ୍ୟମରେ ସ୍ୱାମୀ ଓ ସ୍ତ୍ରୀ, ସନ୍ତାନ ଉତ୍ପାଦନ ଓ ଅନେକ ଅନ୍ୟ ସାମାଜିକ ଅର୍ଥନୈତିକ କାର୍ଯ୍ୟକଳାପରେ ନିଯୁକ୍ତ ହୋଇଥା'ନ୍ତି ।

ସରଳ ଭାଷାରେ କହିଲେ ବିବାହକୁ ଏପରି ଏକ ଅନୁଷ୍ଠାନ ଭାବରେ ପରିଭାଷିତ କରାଯାଇଛି, ଯାହା ନାରୀ ଓ ପୁରୁଷକୁ ପାରିବାରିକ ଜୀବନରେ ସ୍ୱାଗତ କାରିବା ସଙ୍ଗେ ସଙ୍ଗେ ସନ୍ତାନ ମାନଙ୍କର ବୈଧତା, ତଥା ସ୍ୱାମୀ ସ୍ତ୍ରୀ ଓ ସନ୍ତାନ ମାନଙ୍କର ଅଧିକାର ଓ ଦାୟିତ୍ୱବୋଧକୁ ସ୍ଥାପନ କରେ ।



ନିମନ୍ତ୍ରଣ ପତ୍ରର ଏକ ଉଦାହରଣ

ସମାଜ, ସାଧାରଣତଃ ଏକ ସାମାଜିକ-ଧାର୍ମିକ ଉତ୍ସବରେ ପୁରୁଷ ଓ ନାରୀ ମଧ୍ୟରେ ଥିବା ବୈବାହିକ ସଂପର୍କକୁ ସ୍ୱୀକୃତି ଦେଇଥାଏ । ଏହି ଉତ୍ସବ ପରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ସହିତ ଏକାଠି ରହି ପରିବାର ଗଠନ କରନ୍ତି । ସେମାନେ ସନ୍ତାନ ଜନ୍ମ କରନ୍ତି, ଯାହା ସମାଜର ଆଇନଗତ ସ୍ୱୀକୃତି ଲାଭ କରେ । ବିବାହିତ ଦମ୍ପତିମାନେ ପରସ୍ପର ପ୍ରତି ଓ ସମାଜ ପ୍ରତି ଥିବା ସେମାନଙ୍କର ଦାୟିତ୍ୱବୋଧକୁ ପାଳନ କରନ୍ତି । ଏହାର ପ୍ରତିଦାନରେ ସେମାନେ ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକାର ପାଇଥା'ନ୍ତି ।

ବର୍ତ୍ତମାନ ଆପଣ ମାନେ ବୁଝି ପାରୁଥିବେ ଯେ ବିବାହ ପୁରୁଷ ଓ ନାରୀ ମଧ୍ୟରେ ଥିବା ଏକ ବହୁମୁଖୀ ସଂପର୍କ । ଏହା ଯୌନ କାମନା ଚରିତାର୍ଥ କରିବାର ଅନ୍ୟ ଅସ୍ଥାୟୀ ଓ ସଂପୂର୍ଣ୍ଣ ଜୈବିକ ଯୌନ ମିଳନ ଠାରୁ ସଂପୂର୍ଣ୍ଣ ଭିନ୍ନ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୨.୧

**ନିମ୍ନ କଥନ ପାଇଁ ଠିକ୍ କିମ୍ବା ଭୁଲ ଲେଖନ୍ତୁ ।**

୧. ବିବାହ ଏକ ସାମାଜିକ ସଂପର୍କ ଓ ଏହା ପାରିବାରିକ ଜୀବନର ଆରମ୍ଭ ଅଟେ ।

୨. ସଠିକ ଉତ୍ତର ବାଛନ୍ତୁ
   ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ କାରଣ -
   (କ) ଏହା ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଏକ ସ୍ଥାୟୀ ବନ୍ଧନ ।
   (ଖ) ସନ୍ତାନ ମାନଙ୍କର ଉତ୍ପାଦନ ଓ ପାଳନ ହେଉଛି ଏହାର ଲକ୍ଷ୍ୟ ।
   (ଗ) ଏହାଦ୍ୱାରା ଯୌନ ବ୍ୟବହାରର ନିୟନ୍ତ୍ରଣ ଓ ସାମାଜିକ ସଦ୍‌ଭାବନା ରକ୍ଷା ହୁଏ ।
   (ଘ) ଉପରୋକ୍ତ ସମସ୍ତ ।

୩. ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
   ଏକ ପୁରୁଷ ଓ ନାରୀ ମଧ୍ୟରେ ଥିବା ଯୌନ ସଂପର୍କକୁ ସମାଜ ________ ଏବଂ / କିମ୍ବା ________ ଉତ୍ସବରେ ସ୍ୱୀକୃତି ଦିଏ ।

୪. ବିବାହ କ'ଣ ? ଏକ ବାକ୍ୟରେ ସଂଜ୍ଞା ଲେଖ ।



ଟୀପ୍‌ପଣୀ

**୧୨.୨ ବିବାହର ପ୍ରକାର (Types of Marriage)**

ବିବାହ ସମ୍ବନ୍ଧୀୟ ପ୍ରତିମାନ ଓ ନିୟମ ଅନୁଯାୟୀ ଭିନ୍ନ ଭିନ୍ନ ସମାଜରେ ବିବାହର ପ୍ରକାର ଓ ସର୍ତ୍ତାବଳୀ ଭିନ୍ନ ପ୍ରକାରର ହୋଇଥାଏ ।

ବିବାହର ପ୍ରକାର ବୁଝିବାକୁ ହେଲେ ଆପଣଙ୍କୁ ନିମ୍ନଲିଖିତ ମାପକାଠି ଅନୁସାରେ ବିବାହର ବର୍ଗୀକରଣ କରିବାକୁ ପଡ଼ିବ ।

୧. ସାଥୀ ସଂଖ୍ୟା
୨. ସାଥୀ ଚୟନର ନିୟମ

**୧୨.୨.୧ ସାଥୀ ସଂଖ୍ୟା ଆଧାରରେ ବିବାହର ପ୍ରକାର (Types of marriage on the basis of Number of Mates)**

ଜଣେ ବ୍ୟକ୍ତିର ସ୍ୱାମୀ ବା ସ୍ତ୍ରୀର ସଂଖ୍ୟା ଆଧାର ରେ ବିବାହକୁ ଦୁଇ ମୁଖ୍ୟ ପ୍ରକାରର ବିଭକ୍ତ କରାଯାଇ ପାରେ ।

**(କ) ଏକ ସାଥୀ ବିବାହ (Monogamy)**

**(ଖ) ବହୁ ସାଥୀ ବିବାହ (Polygamy)**

**(କ) ଏକ ସାଥୀ ବିବାହ (Monogamy) :** (Mono = ଏକ, gamy = ବିବାହ) ଏକ ସାଥୀ ବିବାହରେ ଜଣେ ପୁରୁଷ ବା ନାରୀ ଏକା ସାଙ୍ଗରେ ଜଣେ ନାରୀ ବା ପୁରୁଷକୁ ବିବାହ କରିପାରିବ । କେବଳ ଅସାଧାରଣ ପରିସ୍ଥିତି ଯଥା ବୈବାହିକ ସାଥୀ (ସ୍ତ୍ରୀ / ସ୍ୱାମୀ)ର ମୃତ୍ୟୁ ବା ଛାଡ଼ପତ୍ର କ୍ଷେତ୍ରରେ ଜଣେ ପୁନର୍ବିବାହ କରିପାରିବ ।

ଏକ ସାଥୀ ବିବାହ (Monogamy) ସମଗ୍ର ବିଶ୍ୱରେ ବ୍ୟାପକ ଭାବରେ ପ୍ରଚଳିତ ଓ ଗୃହୀତ ।

**(ଖ) ବହୁ ସାଥୀ ବିବାହ (Polygamy)** : (Poly = ଅନେକ, gamy = ବିବାହ ) ଏହି ପ୍ରକାରର ବିବାହରେ, ଏକ ପୁରୁଷ କିମ୍ବା ନାରୀ, ଏକା ସାଙ୍ଗରେ ଅନେକ ନାରୀ କିମ୍ବା ପୁରୁଷକୁ ବିବାହ କରିବାର ଅନୁମତି ପାଇଥା'ନ୍ତି ଓ ସେମାନେ ଏକତ୍ର ରହିଥା'ନ୍ତି ।

ବହୁସାଥୀ ବିବାହ (Polygamy), ପୁନଶ୍ଚ ଦୁଇ ଭାଗରେ ବିଭକ୍ତ :-

(କ) ବହୁ-ସ୍ତ୍ରୀ ବିବାହ (Polygyny)

(ଖ) ବହୁ-ସ୍ୱାମୀ ବିବାହ (Polyandry)

(କ) **ବହୁ-ସ୍ତ୍ରୀ ବିବାହ (Polygyny)** : (Poly = ଅନେକ, gyny = ନାରୀ ) ବହୁ ସ୍ତ୍ରୀ ବିବାହରେ ଜଣେ ପୁରୁଷ ଏକ ସଙ୍ଗେ ଏକାଧିକ ନାରୀକୁ ବିବାହ କରିଥାଏ ।

ବହୁ ସ୍ତ୍ରୀ ବିବାହର ଅନୁମତି ମୁସଲମାନଙ୍କୁ ମିଳିଥାଏ । ଅନେକ ଜନଜାତି ସମୁହ ମଧ୍ୟ ଏହି ପ୍ରକାର ବିବାହକୁ ଗ୍ରହଣ କରିଥା'ନ୍ତି । ଏହାର ଐତିହାସିକ ତଥ୍ୟ ମଧ୍ୟ ରହିଛି । ଅତୀତର ପାରଂପରିକ ଭାରତୀୟ ସମାଜରେ ମଧ୍ୟ ବହୁ ସ୍ତ୍ରୀ ବିବାହ ପ୍ରଚଳିତ ଥିଲା । ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ପିତା ରାଜା ଦଶରଥଙ୍କର ତିନି ଜଣ ସ୍ତ୍ରୀ ଥିଲେ- କୌଶଲ୍ୟା, ସୁମିତ୍ରା ଓ କୈକେୟୀ ।

**(ଖ) ବହୁ-ସ୍ୱାମୀ ବିବାହ (Polyandry) :** (Poly = ବହୁତ, andry = ପୁରୁଷ ) ବହୁ ସ୍ୱାମୀ ବିବାହରେ ଜଣେ ନାରୀ ଏକ ସଙ୍ଗେ ଏକାଧିକ ପୁରୁଷକୁ ବିବାହ କରିଥାଏ । ଅନ୍ୟ ଭାଷାରେ





କହିଲେ, ଏହି ପ୍ରକାର ବିବାହରେ ଜଣେ ନାରୀ ଏକ ସଙ୍ଗେ ଏକାଧିକ ସ୍ୱାମୀ ଗ୍ରହଣ କରିଥାଏ । ଉତ୍ତରାଞ୍ଚଳ ରାଜ୍ୟର 'ଖାସ' ପରି କେତେକ ଜନଜାତିମାନଙ୍କ ଜଣେ ନାରୀ ଏକାଧିକ ପୁରୁଷ, (ଯେଉଁମାନେ କି ପରସ୍ପରର ଭାଇ ହୋଇଥିବେ) ଙ୍କୁ ବିବାହ କରିଥାଏ । ଏହି ବିବାହକୁ ଭାତୃକ ବହୁ-ସ୍ୱାମୀ ବିବାହ (Fraternal Polyandry) କୁହାଯାଏ । ମହାଭାରତ ଗ୍ରନ୍ଥରେ ଆପଣମାନେ 'ଦ୍ରୌପଦୀ' ଚରିତ୍ର ସଂସ୍ପର୍ଶରେ ଆସିଥିବେ, ଯେ କି ପଞ୍ଚୁ ପାଣ୍ଡବ ବା ପାଣ୍ଡବ ପାଞ୍ଚ ଭାଇଙ୍କୁ ବିବାହ କରିଥିଲେ ।

**ସାଥୀଙ୍କ ସଂଖ୍ୟା ଆଧାରରେ ବିବାହର ପ୍ରକାର**

**Types of Marriage on the Basis of No. of mates**




ଯଦି ନାରୀ ବିବାହ କରିଥିବା ପୁରୁଷ ମାନେ ଯଦି ପରସ୍ପରର ଭାଇ ହୋଇ ନଥିବେ ତାହା ହେଲେ ସେହି ପ୍ରକାରର ବିବାହକୁ ଅଭ୍ରାତୃକ ବହୁ ସ୍ୱାମୀ ବିବାହ (Non - Fraternal Polyandry) କୁହାଯାଏ । କେରଳର "ନାୟାର" ମାନଙ୍କ ମଧ୍ୟରେ ଏହି ବିବାହ ପ୍ରଚଳିତ ।

ଆପଣ ମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଧିକାଂଶ ସମାଜରେ ବହୁ ସ୍ତ୍ରୀ ବିବାହ ଏକ ପ୍ରତିମାନ ଭାବରେ ପ୍ରତୀୟମାନ ହୁଏ । କିନ୍ତୁ ସମଗ୍ର ବିଶ୍ୱରେ ଏକ ସାଥୀ ବିବାହ ବ୍ୟାପକ ଭାବେ ପ୍ରଚଳିତ ।

## ପାଠ୍ୟାନ୍ତର୍ଗତ ପ୍ରଶ୍ନାବଳୀ ୧୨.୨

୧. ସଠିକ ଉତ୍ତର ବାଛନ୍ତୁ ।

ଯେଉଁ ବିବାହରେ ଜଣେ ପୁରୁଷ ଏକାଧିକ ନାରୀ ଙ୍କୁ ବିବାହ କରିଥାଏ, ତାହାକୁ -

(କ) ଭ୍ରାତୃକ ବହୁସ୍ୱାମୀ ବିବାହ କୁହାଯାଏ ।

(ଖ) ଅଭ୍ରାତୃକ ବହୁସ୍ୱାମୀ ବିବାହ କୁହାଯାଏ ।

(ଗ) ବହୁ-ସ୍ତ୍ରୀ ବିବାହ କୁହାଯାଏ ।

(ଘ) ବହୁ-ସ୍ୱାମୀ ବିବାହ କୁହାଯାଏ ।





୨. ବକ୍ତବ୍ୟ ଟି ଭୁଲ କିମ୍ବା ଠିକ୍ ଦର୍ଶାନ୍ତୁ

ଏକ ସାଥୀ ବିବାହ ସମଗ୍ର ବିଶ୍ୱରେ ବ୍ୟାପକ ଭାବରେ ପ୍ରଚଳିତ ।

୩. ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ।

ଅଧିକାଂଶ ଭାରତୀୟ ସାଧାରଣ ଭାବରେ ________ ମାଧ୍ୟମରେ ବିବାହ କରିଥା'ନ୍ତି ।

## ୧୨.୩ ସାଥୀ ଚୟନର ନିୟମ (Rules of Spouse - Selection)

ପ୍ରତ୍ୟେକ ସମାଜ ନିଜର ସଦସ୍ୟ ମାନଙ୍କ ମଧ୍ୟରେ ବୈବାହିକ ବନ୍ଧନକୁ ନିୟନ୍ତ୍ରଣ କରିବା ପାଇଁ ନିୟମ ପ୍ରଣୟନ କରିଥାଏ । ସଦସ୍ୟ ମାନେ ନିଜ ମନ ଇଚ୍ଛା ବିବାହ କରିପାରନ୍ତି ନାହିଁ । ନିଜ ପାଇଁ ସାଥୀ ଚୟନ କଲାବେଳେ ସେମାନେ ବିବାହର ନିଷେଧାତ୍ମକ (Prohibitive) ନିୟମ ଓ ନିର୍ଦ୍ଦେଶାତ୍ମକ (Prescriptive) ନିୟମ ମାନିବାକୁ ମାଧ୍ୟ ହୋଇଥା'ନ୍ତି । ସେହି ନିୟମ ମାନଙ୍କ ମଧ୍ୟରୁ କିଛି ଏଠାରେ ଆଲୋଚିତ ହୋଇଛି ।

### ୧୨.୩.୧ ନିଷେଧାତ୍ମକ ନିୟମ (Prohibitive Rules)

ନିଷେଧାତ୍ମକ ନିୟମ ସାଥୀ ମାନଙ୍କର ଚୟନ ଉପରେ କଟକଣା କରିଥା'ନ୍ତି । ଏହି ନିୟମ ଅନୁସାରେ ଏକ ନିର୍ଦ୍ଦିଷ୍ଟ ବର୍ଗର ନାରୀ ଓ ପୁରୁଷ ବୈବାହିକ ବନ୍ଧନରେ ବାନ୍ଧି ହେବା ଉପରେ ନିଷେଧାଜ୍ଞା ଥାଏ । ସ୍ଥାନୀୟ ପ୍ରଥା ଓ ଧାର୍ମିକ ପ୍ରତିମାନ ଅନୁସାରେ ଏହି ଶ୍ରେଣୀ ବିଭାଗ କରାଯାଏ ।

(କ) **ଅରମ୍ୟା ରମଣ / ଅଗମ୍ୟା ଗମନ / ନିଷିଦ୍ଧ ଯୌନ ସଂପର୍କ (Incest Taboo) :** ଅରମ୍ୟା ରମଣକୁ ସମସ୍ତ ମାନବ ସମାଜରେ ନିଷିଦ୍ଧ କରାଯାଇଛି । ଏହା ଅର୍ଥ ହେଉଛି, ରକ୍ତ ସମ୍ବନ୍ଧୀ କିମ୍ବା ଏକକ ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ଯୌନ ବା ବୈବାହିକ ସମ୍ବନ୍ଧ ।

ପ୍ରତ୍ୟେକ ସମାଜରେ ବାପା-ଝିଅ, ମା-ପୁଅ, ଭାଇ-ଭଉଣୀ ମଧ୍ୟରେ ବୈବାହିକ ସଂପର୍କକୁ ନିଷିଦ୍ଧ କରାଯାଇଛି । ଏହି ନିଷେଧକୁ ଅଗମ୍ୟା ଗମନ ବା ଅରମ୍ୟା ରମଣ (Incest taboo) ନିଷେଧ କୁହାଯାଏ ।

ଘନିଷ୍ଠ ଜ୍ଞାତି ମାନଙ୍କ ମଧ୍ୟରେ ବିବାହକୁ ମଧ୍ୟ ସମାଜ ନିଷିଦ୍ଧ କରିଛି । ଉତ୍ତର ଭାରତର ହିନ୍ଦୁ ମାନଙ୍କ ମଧ୍ୟରେ ସଂପର୍କୀୟ ଭାଇ ଭଉଣୀ, ମାମୁଁ, ପିଉସୀ, ଦାଦା / କକା ଇତ୍ୟାଦି ଙ୍କ ମଧ୍ୟରେ ବିବାହକୁ ନିଷେଧ କରାଯାଇଥାଏ ।

(ଖ) **ବହିର୍ବିବାହ (Exogamy)** ( Exo = ବାହାରେ, gamy = ବିବାହ) ଏହି ପ୍ରଥା ଅନୁସାରେ ବ୍ୟକ୍ତି ସେହି ସ୍ୱତନ୍ତ୍ର ସମୁହ ବାହାରେ ବିବାହ କରିଥାଏ, ଯାହାର ସେ ସଦସ୍ୟ ଥାଏ । ଯଥା – ଜ୍ଞାତି ସମୁହ, ପରିବାର, ଗୋତ୍ର, ଗ୍ରାମ୍ୟ ସମୁହ ଅଥବା ଯେକୌଣସି ଅନ୍ୟ ସମୁହ ।

(ଗ) **ଅନ୍ତର୍ବିବାହ (Endogamy)** (Endo = ଭିତରେ, gamy = ବିବାହ) ଏହି ପ୍ରଥା ଅନୁସାରେ ନିଜ ସମୁହ ମଧ୍ୟରେ ବିବାହ ହୋଇଥାଏ । ସେହି ସାମାଜିକ ସମୁହ ନିଜ ଜାତି, ଜନଜାତି ବା ଧାର୍ମିକ ସମୁହ ହୋଇଥାଏ, କିନ୍ତୁ ସ୍ୱ ଗୋତ୍ର ହୋଇ ନ ଥାଏ । କେବଳ କେତେକ ବ୍ୟତିକ୍ରମ କ୍ଷେତ୍ରରେ କ୍ୱଚିତ୍ ସ୍ୱ ଗୋତ୍ର ବିବାହ ହୋଇଥାଏ । ଜନଜାତି ମାନେ ଅନ୍ତର୍ବିବାହି ସାମାଜିକ ଏକକ (endogamous units) ଅଟନ୍ତି । ହିନ୍ଦୁ 'ଜାତି' ମାନେ ମଧ୍ୟ ଅନ୍ତର୍ବିବାହୀ ନିୟମ ଅନ୍ତର୍ଗତ ।



ଟୀପ୍ପଣୀ

ମୁସଲିମ ମାନଙ୍କ କ୍ଷେତ୍ରରେ ମଧ୍ୟ ଅନ୍ତର୍ବିବାହୀ ନିୟମ, ଦୁଇ ସ୍ୱତନ୍ତ୍ର ଗୋଷ୍ଠୀ ମଧ୍ୟରେ ପ୍ରଚଳିତ ଅଛି - ଯଥା ସିହା ଓ ସୁନ୍ନି । ଖ୍ରୀଷ୍ଟିଆନ ମାନଙ୍କ ମଧ୍ୟରେ ରୋମାନ କ୍ୟାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ, ଏହି ଦୁଇ ଗୋଷ୍ଠୀ ହେଉଛନ୍ତି ଅନ୍ତର୍ବିବାହୀ ସମୁହ ।

ଭାରତରେ ଜାତି ମାନେ ପରଂପରାଗତ ଭାବରେ ଅନ୍ତର୍ବିବାହୀ ସମୁହ ଅଟନ୍ତି, ଆନ୍ତର୍ଜାତି ଓ ଆନ୍ତର୍ବର୍ଣ୍ଣ ବିବାହ, ଅନୁଲୋମ ଓ ପ୍ରତିଲୋମ ନିୟମ ଅନୁସାରେ ଅତୀତର ସମାଜରେ ପ୍ରଚଳିତ ଥିଲା ।

(ଘ) **ଅନୁଲୋମ (Hypergamy) :** ଏହି ସାମାଜିକ ପ୍ରଥା ଅନୁଯାୟୀ ଏକ ଉଚ୍ଚଜାତିର ପୁଅ, ନିମ୍ନଜାତିର ଏକ ଝିଅକୁ ବିବାହ କରିଥାଏ । ଏଣୁ ବ୍ରାହ୍ମଣ ପୁଅ ନିଜ ଠାରୁ ନିମ୍ନ ଯେ କୌଣସି ଜାତିରେ, ଏହି ନିୟମ ଅନୁସାରେ ବିବାହ କରି ଥାଏ ।

(ଙ) **ପ୍ରତିଲୋମ (Hypogamy) :** ଏହି ପ୍ରକାର ବୈବାହିକ ନିୟମ ରେ ଏକ ନିମ୍ନଜାତିର ପୁଅ, ଉଚ୍ଚଜାତିର ଏକ ଝିଅକୁ ବିବାହ କରିଥାଏ । ଏହି ପ୍ରକାରର ବିବାହକୁ ପାରଂପାରିକ ଭାରତୀୟ ସମାଜରେ ପସନ୍ଦ ତଥା ପ୍ରୋତ୍ସାହିତ କରାଯାଉ ନ ଥିଲା । ତେଣୁ ଏହି ନିୟମ ଅନୁସାରେ ଜଣେ ବ୍ରାହ୍ମଣ ପୁଅ, ଅନ୍ୟ ଯେ କୌଣସି ଜାତିର ଝିଅକୁ ବିବାହ କରିପାରୁ ନ ଥିଲା ଓ ସାମାଜିକ ସ୍ୱୀକୃତି ମଧ୍ୟ ପାଉ ନ ଥିଲା ।

### ୧୨.୩.୨ ନିର୍ଦ୍ଦେଶାତ୍ମକ ଓ ସ୍ୱତନ୍ତ୍ର ଚୟନ ନିୟମ (Prescriptive and Preferential Rules)

ଆପଣ ମାନେ ଉପରୋକ୍ତ ଆଲୋଚନାରୁ ସାଥୀ ଚୟନ ରେ ଥିବା କଟକଣା-ନିୟମ ମାନଙ୍କ ସହିତ ପରିଚିତ ହୋଇଛନ୍ତି । କେତେକ ସ୍ୱତନ୍ତ୍ର ନିୟମ ରହିଛି ଯାହା ନିର୍ଦ୍ଦିଷ୍ଟ କେତେକ ବୈବାହିକ ବନ୍ଧନକୁ ଅନ୍ୟ ଅପେକ୍ଷା ବିଶେଷ ପ୍ରାଥମିକତା ଦେଇଥା'ନ୍ତି । କେତେକ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଜ୍ଞାତି ସମୁହ ରେ ବିବାହକୁ ଅନୁମତି ଦିଆଯାଇଥାଏ । ଏହି ସବୁ ନିୟମ, ଯାହା କାହାକୁ ବିବାହ କରିବା ଉଚିତ, ବିଷୟରେ ନିର୍ଦ୍ଦେଶ ଦେଇଥାନ୍ତି, ସେମାନଙ୍କୁ ନିର୍ଦ୍ଦେଶାତ୍ମକ ନିୟମ କୁହାଯାଏ । ସେହି ସବୁ ନିୟମ ମାନଙ୍କ ମଧ୍ୟରୁ ନିମ୍ନରେ କିଛି ନିୟମ ଦିଆଯାଇଛି ।

(କ) **ସମାନାନ୍ତର ଭାଇ-ଭଉଣୀ (ସଂପର୍କୀୟ) ବିବାହ (Parallel Cousin Marriage)** ଏହା ହେଉଛି ଦୁଇ ଭାଇ, କିମ୍ବା ଭଉଣୀ ଙ୍କର ସନ୍ତାନ ମାନଙ୍କ ମଧ୍ୟରେ ହେଉଥିବା ବିବାହ । ଏହି ବିବାହ, ଦୁଇ ଭାଇ କିମ୍ବା ଭଉଣୀ ମଧ୍ୟରେ ସମ୍ବନ୍ଧକୁ ଘନିଷ୍ଠ କରିବା ଉଦ୍ଦେଶ୍ୟ ରେ କରାଯାଇଥାଏ । ଏହି ବିବାହ ଗୋତ୍ର ବାହାରେ ବିବାହ ନିୟମର ଏକ ବ୍ୟତିକ୍ରମ ଅଟେ । ମୁସଲିମ ଙ୍କ ମଧ୍ୟରେ ଏହି ସାମାନାନ୍ତରର ସଂପର୍କୀୟ ଭାଇ ଭଉଣୀ ବିବାହ ପ୍ରଚଳିତ ଅଛି ।

(ଖ) **ମାମୁଁ ଝିଅ-ପିଉସୀ ପୁଅ ବିବାହ (Cross Cousin Marriage) :** ଏହି ବିବାହ ରେ ପିତାମାତା ଙ୍କର ଯଥାକ୍ରମେ ଭଉଣୀ ଓ ଭାଇଙ୍କର ସନ୍ତାନ ମାନଙ୍କ ମଧ୍ୟରେ ବୈବାହିକ ସଂପର୍କ ସ୍ଥାପନ ହୋଇଥାଏ । ଅନ୍ୟ ଭାବରେ ଏହାକୁ ନିଜ ମା'ଙ୍କର ଭାଇର ପୁଅ ବା ବାପାଙ୍କର ଭଉଣୀର ପୁଅ ସହିତ ଏକ କନ୍ୟାର ବିବାହ ମଧ୍ୟ କୁହାଯାଇଥାଏ ।





ଏହି ପ୍ରକାରର ବିବାହକୁ ଭାରତର କେତେକ ଅଞ୍ଚଳରେ ପସନ୍ଦ କରାଯାଇଥାଏ । ମଧ୍ୟ ପ୍ରଦେଶର ଗଣ୍ଡ ଜନଜାତି, ତଥା ଝାରଖଣ୍ଡର ଓରାଓଁ ଓ ଖରିଆ ଜନଜାତିରେ ଏହି ବିବାହ ଦେଖାଯାଏ । ମହାରାଷ୍ଟ୍ର ରେ ମଧ୍ୟ କେତେକ ସ୍ଥାନରେ ଏହି ବିବାହକୁ ପସନ୍ଦ କରାଯାଇ ଥାଏ । କେତେକ ଦକ୍ଷିଣ ଭାରତୀୟ ହିନ୍ଦୁ ଙ୍କ କ୍ଷେତ୍ରରେ ମାମୁଁ ଙ୍କୁ ବିବାହ ସାଥୀ ଭାବରେ ପସନ୍ଦ କରାଯିବା ଦେଖାଯାଇଥାଏ ।

**(ଗ) ଦିଅର ବିବାହ (Levirate) :** ଏହି ପ୍ରଥା ଅନୁସାରେ ଏକ ନାରୀ ତା'ର ସ୍ୱାମୀର ମୃତ୍ୟୁ ପରେ, ନିଜ ସ୍ୱାମୀର ସାନ ଭାଇକୁ ବିବାହ କରିଥାଏ । ସାଧାରଣତଃ ସ୍ୱାମୀର ସାନ ଭାଇ ନିଜର ବିଧବା ଭାଉଜକୁ ବିବାହ କରିଥାଏ । ତାମିଲନାଡୁ ନୀଳଗିରି ପର୍ବତର ଟୋଡ଼ା ଜନଜାତିଙ୍କ ମଧ୍ୟରେ ଏହି ବିବାହ ପ୍ରଚଳିତ ଅଛି ।

**(ଘ) ଶାଳୀ ବିବାହ (Sororate) :** ଏହି ପ୍ରଥା ଅନୁଯାୟୀ ଏକ ପୁରୁଷ, ନିଜ ସ୍ତ୍ରୀର ମୃତ୍ୟୁ ପରେ, ତା'ର ମୃତା ସ୍ତ୍ରୀର ସାନ ଭଉଣୀକୁ ବିବାହ କରିଥାଏ । କେନ୍ଦ୍ର ଭାରତର ଜନଜାତି ଯଥା ଗଣ୍ଡ ଓ ବୈଗା ଙ୍କ କ୍ଷେତ୍ରରେ ଏହି ବିବାହ ଦେଖାଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୨.୩

୧. ସଠିକ ଉତ୍ତର ଚିହ୍ନଟ କରନ୍ତୁ ।

ଏକ ଉଚ୍ଚ ଜାତିର ପୁରୁଷର ନିମ୍ନ ଜାତିର ମହିଳା ସହିତ ବିବାହକୁ

(କ) ଅନୁଲୋମ କୁହାଯାଏ

(ଖ) ପ୍ରତିଲୋମ କୁହାଯାଏ

(ଗ) ବହୁ ସାଥୀ ବିବାହ କୁହାଯାଏ

(ଘ) ବହୁ ସ୍ୱାମୀ ବିବାହ କୁହାଯାଏ ।

୨. ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

ଏକ ପୁରୁଷ ଓ ତା'ର ମୃତା ସ୍ତ୍ରୀର ଭଉଣୀ ମଧ୍ୟରେ ବିବାହକୁ __________ କୁହାଯାଏ ।

୩. ନିମ୍ନୋକ୍ତ ବକ୍ତବ୍ୟ ଠିକ୍ କିମ୍ବା ଭୁଲ ଥିଲେ ଦର୍ଶାନ୍ତୁ । __________

ପ୍ରତିଲୋମ ବୈବାହିକ ନିୟମରେ ନିମ୍ନ ଜାତିର ମହିଳାଙ୍କ ସହିତ ଉଚ୍ଚଜାତିର ପୁରୁଷର ବିବାହ ହୋଇଥାଏ ।

୪. ମେଳକ କରନ୍ତୁ ।

| | |
|---|---|
| (କ) ବହିର୍ବିବାହ ନିୟମ | ୧. ଏକ ବିଧବା ସହିତ ତା'ର ମୃତ ସ୍ୱାମୀର ଭାଇର ବିବାହ |
| (ଖ) ଅନ୍ତର୍ବିବାହ ନିୟମ | ୨. ଦୁଇ ଭାଇ କିମ୍ବା ଦୁଇ ଭଉଣୀର ସନ୍ତାନ ମାନଙ୍କ ମଧ୍ୟରେ ବିବାହ |
| (ଗ) ଦିଅର ବିବାହ | ୩. ନିଜ ସାମାଜିକ ସମୁହ ମଧ୍ୟରେ ବିବାହ |
| (ଘ) ସମାନାନ୍ତର ଭାଇ-ଭଉଣୀ ବିବାହ | ୪. ନିଜ ସାମାଜିକ ସମୁହ ବାହାରେ ବିବାହ |



ଟୀପ୍‌ପଣୀ

## ୧୨.୪ ବିବାହର ପ୍ରକାର୍ଯ୍ୟ (Functions of Marriage)

ବିବାହ ସମାଜରେ ନିମ୍ନୋକ୍ତ ମୌଳିକ କାର୍ଯ୍ୟ କରିଥାଏ -

୧. **ଯୌନ ଇଚ୍ଛାର ପରିତୃପ୍ତି (Satisfaction of sexual desire) :** ବିବାହ ମାଧ୍ୟମରେ ଦୁଇ ବିପରୀତ ଲିଙ୍ଗର ବ୍ୟକ୍ତି ମାନଙ୍କ ମଧ୍ୟରେ ଯୌନ ସଂପର୍କକୁ ସମାଜ ସ୍ୱୀକୃତି ଦିଏ । ଏହା ସହିତ ବିବାହିତ ବ୍ୟକ୍ତି ମାନେ କେବଳ ନିଜ ସାଥୀ ସହିତ ଯୌନ ସଂପର୍କ ସ୍ଥାପନ କରିବାକୁ ଅନୁମତି ପ୍ରାପ୍ତ ହୋଇଥା'ନ୍ତି । ବୈବାହିକ ସଂପର୍କ ବାହାରେ ଯୌନ ସଂପର୍କକୁ ସମାଜରେ ଅନୁମତି ଦିଆଯାଏ ନାହିଁ । ଏହିପରି ଭାବରେ ବିବାହ ଯୌନ ସଂପର୍କକୁ ନିୟନ୍ତ୍ରଣ କରିଥାଏ ।

୨. **ସନ୍ତାନ ଜନ୍ମ ଓ ସେମାନଙ୍କର ପାଳନ ପୋଷଣ (Procreation and nurturing of children)** ସାମାଜିକ ନିୟମ ଓ ପ୍ରତିମାନ ଅନୁଯାୟୀ ସନ୍ତାନ ଜନ୍ମ ଓ ସେମାନଙ୍କର ପାଳନ ପୋଷଣ ଭଳି ପ୍ରକାର୍ଯ୍ୟ ବିବାହ ଦ୍ୱାରା ନିର୍ବାହ ହୋଇଥାଏ । ପାରିବାରିକ ପରିବେଶ ରେ ସନ୍ତାନ ଜନ୍ମ ଓ ପରିପୋଷଣ ହୋଇଥାଏ । ଯେଉଁଥିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ପିଲାମାନଙ୍କୁ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଦୃଢ଼ କରିବା ପାଇଁ ବିଶେଷ ଦୃଷ୍ଟି ଦେଇଥା'ନ୍ତି । ବନ୍ଧୁ ଓ ସଂପର୍କୀୟ ମାନେ ମଧ୍ୟ ଏହି ସନ୍ତାନ ଯତ୍ନ କାର୍ଯ୍ୟରେ ସହଯୋଗ କରିଥା'ନ୍ତି । ପଶୁମାନଙ୍କ ତୁଳନା ରେ ମନୁଷ୍ୟ ସନ୍ତାନ ବିଶେଷ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରିଥାଏ । ଏଣୁ ପରିବାର ରେ ବିବାହ ଦ୍ୱାରା ସନ୍ତାନ ମାନଙ୍କର ଅସ୍ତିତ୍ୱ ରକ୍ଷା ହୋଇଥାଏ ।

୩. **ଅର୍ଥନୈତିକ ସହଯୋଗ ଓ ସୁରକ୍ଷା (Economic Co-operation and Security)** ଆର୍ଥିକ କାର୍ଯ୍ୟକଳାପରେ ବିବାହ ମୂଲ୍ୟବାନ ଓ ବିଶ୍ୱସନୀୟ ସାହାଯ୍ୟ ଯୋଗାଇଥାଏ । ପରିବାର ପ୍ରତିପୋଷଣ ପାଇଁ ଦମ୍ପତି, ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀ ଘରେ, ବିଲବାଡ଼ି, ଜଙ୍ଗଲ ତଥା କୁଟୀର ଶିଳ୍ପ ରେ ଏକତ୍ର କାର୍ଯ୍ୟ କରନ୍ତି । ସେମାନେ ମଧ୍ୟ ପରସ୍ପରର ଆର୍ଥିକ ଆବଶ୍ୟକତାର ପୂରଣ କରିଥା'ନ୍ତି । ସେମାନେ ମଧ୍ୟ ମିଳିମିଶି ସେମାନଙ୍କର ସନ୍ତାନ ମାନଙ୍କର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ମନୋରଂଜନ ସମ୍ବନ୍ଧୀୟ ଆବଶ୍ୟକତାର ଯତ୍ନ ନେଇଥା'ନ୍ତି । ପରଂପରା ଅନୁସାରେ ସ୍ୱାମୀ ଉପାର୍ଜନ କରେ ଓ ସ୍ତ୍ରୀ ସେହି ଆୟ ମଧ୍ୟରେ ଘର ଚଳାଇଥାଏ । କିନ୍ତୁ ଆଧୁନିକ ସମାଜରେ, ସଂପ୍ରତି ଉଭୟ ସ୍ୱାମୀ ଓ ସ୍ତ୍ରୀ ପରିବାରର ଆବଶ୍ୟକତା ମେଣ୍ଟାଇବା ପାଇଁ ଅର୍ଥ ଉପାର୍ଜନ କରିଥା'ନ୍ତି ।

୪. **ସାହଚର୍ଯ୍ୟ ଓ ଆବେଗାତ୍ମକ ସମର୍ଥନ (Companionship and Emotional support) :** ପରିବାର ମାଧ୍ୟମରେ ବିବାହ ସ୍ୱାମୀ ଓ ସ୍ତ୍ରୀ ଉଭୟ ଙ୍କୁ ସାରା ଜୀବନ ସାଙ୍ଗରେ ରହିବା ପାଇଁ ନିରନ୍ତର ସାହଚର୍ଯ୍ୟ ପ୍ରଦାନ କରେ । ପ୍ରଥମେ ପ୍ରଥମେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରକୁ ଭଲ ଭାବେ ଜାଣି ନଥା'ନ୍ତି, କିନ୍ତୁ ସମୟର ପ୍ରବାହ ସହିତ ସ୍ୱାମୀ ଓ ସ୍ତ୍ରୀ ସେମାନଙ୍କର ଜୀବନ ଏକ ସଙ୍ଗରେ ବିତାଇବା ସଙ୍ଗେ ସଙ୍ଗେ ପରସ୍ପରର ଉତ୍ତମ ବନ୍ଧୁରେ ପରିବର୍ତ୍ତିତ ହୁଅନ୍ତି । ସେମାନଙ୍କର ପରସ୍ପର ପ୍ରତି ସ୍ନେହ ଓ ସଦିଚ୍ଛା ବଢ଼ିଚାଲେ ଏବଂ ସେମାନେ ସୁଖ ଦୁଃଖ ରେ ସହଯୋଗ କରନ୍ତି । ପରିବାରର ପରିଚାଳନା କ୍ଷେତ୍ରରେ ସେମାନେ ବୁଝାମଣା ରଖି କାର୍ଯ୍ୟ କରନ୍ତି ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୨.୪

୧. ସଠିକ ଉତ୍ତର ବାଛନ୍ତୁ ।

ନିମ୍ନୋକ୍ତ ମଧ୍ୟରୁ କେଉଁଟି ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ :

(କ) ଯୌନ ଇଚ୍ଛାର ପରିତୃପ୍ତି

(ଖ) ସନ୍ତାନ ଉତ୍ପାଦନ

(ଗ) ଆର୍ଥିକ ସହଯୋଗ

(ଘ) ଉପରୋକ୍ତ ସମସ୍ତ

୨. ନିମ୍ନୋକ୍ତ ବକ୍ତବ୍ୟ ପାଇଁ ଠିକ୍ / କିମ୍ବା ଭୁଲ ଲେଖନ୍ତୁ ।

ବିବାହ, ସମୁଦାୟ ଓ ସେମାନଙ୍କର ସଂସ୍କୃତି ରକ୍ଷା କରିବାରେ ସାହାଯ୍ୟ କରେ । (ଠିକ୍ / ଭୁଲ)

୩. ବିବାହ ସମୁହ ଓ ବ୍ୟକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । (ଠିକ୍ / ଭୁଲ)

୪. ବିବାହର ଆର୍ଥିକ ପ୍ରକାର୍ଯ୍ୟ ମାନ ଦର୍ଶାନ୍ତୁ ।

## ୧୨.୫ ହିନ୍ଦୁ ବିବାହ (Hindu Marriage)

### ୧୨.୫.୧ ଉଦ୍ଦେଶ୍ୟ (Objectives)

ହିନ୍ଦୁ ସମାଜରେ ବିବାହକୁ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଭାବେ ଗ୍ରହଣ କରାଯାଇଥାଏ । ଏହା ଏକ ଧାର୍ମିକ କର୍ତ୍ତବ୍ୟ । ସଂସ୍କାର ହେଉଛି ଏକ ରୀତି, ଯାହା ବ୍ୟକ୍ତିକୁ ଶୁଦ୍ଧ କରିଥାଏ । ପ୍ରତ୍ୟେକ ହିନ୍ଦୁ ପାଇଁ ବିବାହର ଧାର୍ମିକ କର୍ତ୍ତବ୍ୟ ନିର୍ବାହ କରିବା ଅତ୍ୟାବଶ୍ୟକ ହୋଇଥାଏ । ହିନ୍ଦୁ ମତାନୁଯାୟୀ, ବିବାହ ମାଧ୍ୟମରେ ଜଣେ ବ୍ୟକ୍ତି ଜୀବନର ଦ୍ୱିତୀୟ ସ୍ତର, ଅର୍ଥାତ୍ ଗୃହସ୍ଥ ଆଶ୍ରମରେ ପ୍ରବେଶ କରି ଏକ ଗୃହୀ ର କର୍ତ୍ତବ୍ୟ କରିଥାଏ ।

ପାରଂପାରିକ ଭାରତୀୟ ସମାଜରେ କେବଳ ଜଣେ ବିବାହିତ ବ୍ୟକ୍ତି, ନିଜ ସ୍ତ୍ରୀ ସହିତ ସମସ୍ତ ପ୍ରକାର ସାମାଜିକ ଓ ଧାର୍ମିକ କାର୍ଯ୍ୟକଳାପରେ ଭାଗ ନେବାର ଅଧିକାର ପ୍ରାପ୍ତ ହୋଇଥାଏ ।

ହିନ୍ଦୁ ବିବାହର ମୁଖ୍ୟ ଉଦ୍ଦେଶ୍ୟ ମାନ ହେଲା -

୧. ଧାର୍ମିକ କାର୍ଯ୍ୟର ନିର୍ବାହ - ଧର୍ମ

୨. ସନ୍ତାନ ଜନ୍ମ - ପ୍ରଜ

୩. ଯୌନ ଇଚ୍ଛାର ପରିପୂରଣ - ରତି

ହିନ୍ଦୁ ବିବାହର ଏହି ସବୁ ଉଦ୍ଦେଶ୍ୟ ମଧ୍ୟରୁ ଧର୍ମକୁ ପ୍ରାଧାନ୍ୟ ଦିଆଯାଇଥାଏ । କେବଳ ଜଣେ ବିବାହିତ ବ୍ୟକ୍ତି ନିଜର ସାମାଜିକ - ଧାର୍ମିକ କର୍ତ୍ତବ୍ୟ ପୂରଣ କରି ପାରିବ । ପରିବାରର ପରଂପରାକୁ ପରବର୍ତ୍ତୀ ପିଢୀକୁ ନେଇ ଯିବା ପାଇଁ ଏକ ବିବାହିତ ଦମ୍ପତିଠାରୁ ସନ୍ତାନ ଜନ୍ମ କରିବା ଆଶା କରାଯାଏ । ଯୌନ ଇଚ୍ଛାର ପୂରଣ ହେଉଛି ହିନ୍ଦୁ ବିବାହର ତୃତୀୟ ଉଦ୍ଦେଶ୍ୟ, କିନ୍ତୁ ଏହାକୁ ଗୌଣ ଉଦ୍ଦେଶ୍ୟ ଭାବରେ ଗ୍ରହଣ କରାଯାଇଛି ।



ଟୀପ୍‌ପଣୀ

**୧୨.୫.୨ ହିନ୍ଦୁ ବିବାହ ଏକ ପବିତ୍ର ବନ୍ଧନ (Hindu Marriage - A Sacrament)**

ହିନ୍ଦୁ ବିବାହ ହେଉଛି ଏକ ପବିତ୍ର ବନ୍ଧନ, ଯାହା ଏକ ବ୍ୟକ୍ତିକୁ ପବିତ୍ର ତଥା ଶୁଦ୍ଧ କରିଥାଏ । ବିବାହକୁ ଏକ ଅଣଭଙ୍ଗୁର ସାମାଜିକ ବନ୍ଧନ ହିସାବରେ ଗ୍ରହଣ କରାଯାଏ ଓ ହିନ୍ଦୁ ବିବାହରେ ପରଂପରା ଦୃଷ୍ଟିରୁ ବିବାହ ବିଚ୍ଛେଦର ସମ୍ଭାବନା ନ ଥାଏ । ହିନ୍ଦୁ ବିବାହ ବନ୍ଧନକୁ ଦୁଇ ଆତ୍ମାର ମିଳନ କୁହାଯାଏ ଓ ସେମାନେ ସବୁଦିନ ପାଇଁ ପରସ୍ପର ପ୍ରତି ଅନୁଗତ୍ୟ, ଆସ୍ଥା ଓ ବିଶ୍ୱାସ ରଖନ୍ତି । ବିବାହ ହୋମାଗ୍ନି ସମ୍ମୁଖରେ ପବିତ୍ର ଗ୍ରନ୍ଥମାନଙ୍କରୁ ମନ୍ତ୍ର ଉଚ୍ଚାରଣ କରି ବ୍ରାହ୍ମଣ ପୁରୋହିତ ବିବାହ ରୀତି ନୀତି ସଂପୂର୍ଣ୍ଣ କରନ୍ତି ।

ଏହି ବିବାହରେ ବର ଓ କନ୍ୟା ପରସ୍ପର ପ୍ରତି ଦାୟିତ୍ୱ ବହନ କରିବାର ପ୍ରତିଶ୍ରୁତି ବିନିମୟ ମଧ୍ୟ କରିଥା'ନ୍ତି । ଶୁଭେଚ୍ଛୁମାନେ ନବ ଦମ୍ପତିକୁ ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଆଶୀର୍ବାଦ କରନ୍ତି ।

**୧୨.୫.୩ ବିଭିନ୍ନ ପ୍ରକାରର ପାରଂପାରିକ ହିନ୍ଦୁ ବିବାହ (Traditional forms of Hindu Marriage)**

ପାରଂପାରିକ ଭାରତୀୟ ସମାଜରେ ନିମ୍ନୋକ୍ତ ଆଠ ପ୍ରକାରର ବିବାହକୁ ଗ୍ରହଣ କରାଯାଇଥାଏ । ଏମାନଙ୍କ ମଧ୍ୟରୁ ପ୍ରଥମ ଚାରିଟି ବିବାହକୁ ବାଂଛନୀୟ ଓ ଶେଷ ଚାରିଟିକୁ ଅବାଂଛନୀୟ କୁହାଯାଇଥାଏ ।

- ବ୍ରହ୍ମ ବିବାହରେ କନ୍ୟା ପିତା ନିଜ କନ୍ୟାକୁ ଏକ ବିଦ୍ୱାନ ଓ ସଚ୍ଚରିତ୍ର ବ୍ୟକ୍ତି ସହିତ ବିବାହ ଦେଇଥା'ନ୍ତି ।
- ଦୈବ ବିବାହରେ କନ୍ୟା ପିତା ନିଜ କନ୍ୟାକୁ ଏକ ବ୍ରାହ୍ମଣ ପୁରୋହିତ ସହିତ ବିବାହ କରାଇ ଥା'ନ୍ତି ।
- ଅର୍ଶ ବିବାହରେ ବର, କନ୍ୟା ପିତାଙ୍କୁ ହଳେ ଗାଈ ବା ବଳଦ ଉପହାର ସ୍ୱରୂପ ଦେଇ କନ୍ୟାକୁ ବିବାହ କରିଥାଏ ।
- ପ୍ରଜାପତ୍ୟ ବିବାହ ରେ କନ୍ୟା ପିତା, ବରର ପିତା ମାତାଙ୍କ ସହ ପରାମର୍ଶ ତଥା କଥାବାର୍ତ୍ତା କରିବା ପରେ କନ୍ୟାକୁ ଉପଯୁକ୍ତ ବରପାତ୍ର ସହ ବିବାହ କରାଇଥା'ନ୍ତି । ଏହି ବିବାହ ହିନ୍ଦୁ ମାନଙ୍କ ମଧ୍ୟରେ ବ୍ୟାପକ ଭାବରେ ପ୍ରଚଳିତ ।
- ଅସୁର ବିବାହରେ ବର ପକ୍ଷରୁ କନ୍ୟା-ପିତାଙ୍କୁ କନ୍ୟା-ମୂଲ୍ୟ (Bride Price) ଦିଆଯିବା ପରେ ବିବାହ ଅନୁଷ୍ଠିତ ହୋଇଥାଏ । ଏହି ବିବାହକୁ କ୍ରୟ-ବିବାହ (Marriage by Purchase) ମଧ୍ୟ କୁହାଯାଏ ।
- ଗାନ୍ଧର୍ବ ବିବାହରେ ବର ଓ କନ୍ୟା ପରସ୍ପରକୁ ପସନ୍ଦ କରି ବା ଭଲ ପାଇ ପିତାମାତାଙ୍କ ବିନା ଅନୁମତିରେ ବିବାହ କରିଥା'ନ୍ତି । ଏହି ବିବାହକୁ ଆଧୁନିକ ସମାଜରେ ପ୍ରେମ-ବିବାହ (Love Marriage) ମଧ୍ୟ କୁହାଯାଇଥାଏ ।
- ରାକ୍ଷସ ବିବାହ ରେ କନ୍ୟା ଓ ତା'ର ପିତାମାତା ଙ୍କର ବିନା ଅନୁମତିରେ କନ୍ୟାକୁ ଅପହରଣ କରି ବିବାହ କରାଯାଇଥାଏ ।
- ପୈଶାଚ ବିବାହ ରେ କନ୍ୟା ଶୋଇଥିଲା ବେଳେ, କିମ୍ବା ନିଶାଗ୍ରସ୍ତ କରାଇ, କିମ୍ବା ମାନସିକ ଭାରସାମ୍ୟ ହରାଇଥିଲା ବେଳେ, ତା'ର ସତୀତ୍ୱ ସମର୍ପଣ କରିବାକୁ ବାଧ୍ୟ କରାଯାଏ ବା ତା'ର ସତୀତ୍ୱକୁ ଅପହରଣ କରାଯାଏ । ପରବର୍ତ୍ତୀ ସମୟରେ ସେହି କନ୍ୟାକୁ ସ୍ତ୍ରୀର ମର୍ଯ୍ୟାଦା ଦିଆଯାଏ ।



ଟୀପ୍‌ପଣୀ

## ୧୨.୬ ମୁସଲିମ ବିବାହ (Muslim Marriage)

### ୧୨.୬.୧ ଏକ ଚୁକ୍ତି ଭାବରେ ମୁସଲିମ ବିବାହ (Muslim Marriage as a Contract)

ଏକ ନାରୀ ଓ ପୁରୁଷ ମଧ୍ୟରେ, ଯୌନ ସଂପର୍କର ବୈଧିକରଣ ଓ ସନ୍ତାନ ଉତ୍ପାଦନ ପାଇଁ ହେଉଥିବା ଏକ ସାମାଜିକ ଚୁକ୍ତିକୁ ମୁସଲମାନ ବିବାହ ବା 'ନିକାହ' (Nikah) କୁହାଯାଏ । ଏହି ଅର୍ଥରେ ଏହା ହିନ୍ଦୁ ବିବାହଠାରୁ ସଂପୂର୍ଣ୍ଣ ଭିନ୍ନ । ମୁସଲମାନ ବିବାହ ବା ଚୁକ୍ତିକୁ ସ୍ୱାମୀ ବା ସ୍ତ୍ରୀର ଇଚ୍ଛା ଅନୁସାରେ ଭଙ୍ଗ କରାଯାଇ ପାରିବ । ଏହାମଧ୍ୟ, ପ୍ରତିଶ୍ରୁତି ପାଳନ ନ ହୋଇ ପାରିଲେ, ସ୍ୱାମୀ ଓ ସ୍ତ୍ରୀର ଇଚ୍ଛାରେ ଭଙ୍ଗ ହୋଇପାରିବ ।

ମୁସଲିମ ବିବାହ, ସାକ୍ଷୀ ଓ ମୌଲବୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବରେ ସଂପାଦିତ ହୁଏ । ମୌଲବୀ, ପବିତ୍ର ଧର୍ମଗ୍ରନ୍ଥ କୋରାନର କିୟଦଂଶ ଆବୃତ୍ତି କରିବା ପରେ ବର କନ୍ୟାଙ୍କୁ ସେମାନଙ୍କର ସମ୍ମତି (କବୁଲ) ଦେବା ପାଇଁ କୁହନ୍ତି । ଏହା ସହିତ ବିବାହ ଭଙ୍ଗ ବା ବିଚ୍ଛେଦ ବା ତଲାକ୍ କ୍ଷେତ୍ରରେ ତା'ର ସ୍ତ୍ରୀକୁ କ୍ଷତିପୂରଣ ବା 'ମେହର' ଦେବା ପାଇଁ ରାଜି ହୋଇଥାଏ ।

### ୧୨.୬.୨ ମୁସଲିମ ବିବାହର ପ୍ରକାର (From of Muslim Marriage)

ଚାରି ପ୍ରକାରର ମୁସଲିମ୍ ବିବାହ ରହିଛି ।

(କ) ନିକାହ ବା ସହି ନିକାହ

(ଖ) **ଫସିଦ୍**

(ଗ) ମୂତା

(ଘ) ବାତିଲ

(କ) ଯେଉଁ ବିବାହ, ମୁସଲମାନ ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ, କୋରାନ ରେ ଦିଆଯାଇଥିବା ବିବାହ ନିୟମ ଅନୁଯାୟୀ ହୋଇଥାଏ, ତାହାକୁ **ନିୟମିତ ବିବାହ, ସହି ନିକାହ ବା ନିକାହ** କୁହାଯାଇଥାଏ ।

(ଖ) ଯେଉଁ ବିବାହ, ବିବାହର କିଛି ନିୟମକୁ ପୂରଣ କରି ପାରି ନ ଥାଏ, ତାହାକୁ **ଅନିୟମିତ ବିବାହ** ବା **ଫସିଦ୍** କୁହାଯାଏ । ଏହି ବିବାହର ଅନିୟମିତତାକୁ ପରିବର୍ତ୍ତନ କରାଯାଇ ବିବାହକୁ ସହି ନିକାହ ରେ ବଦଳା ଯାଇ ପାରେ ।

(ଗ) ମୁସଲମାନଙ୍କର ଏକ ପ୍ରକାରର **ଅସ୍ଥାୟୀ ବିବାହ**କୁ **ମୂତା** କୁହାଯାଏ । ଏହି ବିବାହର ଚୁକ୍ତି ଏକ ନିର୍ଦ୍ଦିଷ୍ଟ ପୂର୍ବ ସ୍ଥିରୀକୃତ ସମୟ ସୀମା ପାଇଁ କାଏମ ରହେ ଓ ସମୟ ସୀମା ପୂରଣ ହେବା ପରେ ବୈବାହିକ ସମ୍ବନ୍ଧ ଆପେ ଆପେ ଭାଙ୍ଗି ଯାଏ । ତେବେ ଏହି ବିବାହରୁ ଜନ୍ମିତ ସନ୍ତାନ ମାନଙ୍କର ସେମାନଙ୍କ ପିତାଙ୍କର ସଂପତ୍ତିର ଭାଗ ଥାଏ ।

(ଘ) ବିବାହର କେତେକ ନିୟମର ଅନୁପାଳନ ହୋଇ ନ ଥିବାରୁ ଓ ସେସବୁ ନିୟମିତ ହୋଇ ପାରୁ ନ ଥିବାରୁ, ଏହି ପ୍ରକାର ଦାମ୍ପତ୍ୟ ସହାବସ୍ଥାନକୁ **ବାତିଲ ବିବାହ** କୁହାଯାଏ ।



ଟୀପ୍ପଣୀ



### ୧୨.୬.୩ ମୁସଲିମ୍ ବିବାହ ବିଚ୍ଛେଦ ବା ବିବାହଭଙ୍ଗ (ତଲାକ୍) (Divorce or Dissolution of Muslim Marriage)

ଏକ ଅତି ସରଳ ପଦ୍ଧତି ଅନୁସାରେ ମୁସଲିମ ବିବାହ ବିଚ୍ଛେଦ ବା ତଲାକ୍ ହୋଇଥାଏ । ଜଣେ ସ୍ୱାମୀ, ତା'ର ସ୍ତ୍ରୀକୁ ତିନିଥର ତଲାକ୍ ଉଚ୍ଚାରଣ କରି ଛାଡ଼ପତ୍ର ଦେଇପାରେ, କିନ୍ତୁ ଏହି କ୍ଷେତ୍ରରେ ସ୍ତ୍ରୀର ଭରଣ ପୋଷଣ ପାଇଁ, ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ, ସ୍ୱାମୀକୁ 'ମହର' ବା କ୍ଷତିପୂରଣ ଦେବାକୁ ପଡ଼ିଥାଏ । **(Tripple Talaq, Mehr)**

ଯଦି ଜଣେ ସ୍ୱାମୀ ତା'ର ସ୍ତ୍ରୀର ବିଚ୍ଛେଦ ପ୍ରସ୍ତାବ ରେ ରାଜି ହୁଏ, ତାହାହେଲେ ସେହି କ୍ଷେତ୍ରରେ ସ୍ତ୍ରୀ ତଲାକ ପାଇବାକୁ ସମର୍ଥ ହୋଇଥାଏ । ଏହି ପ୍ରକାରର ବିଚ୍ଛେଦକୁ **'ଖୁଲା' (Khula)** କୁହାଯାଏ ।

ସ୍ୱାମୀ ଓ ସ୍ତ୍ରୀଙ୍କର ଆପୋଷ ଇଚ୍ଛାରେ ଯେଉଁ ବିଚ୍ଛେଦ ହୁଏ ତାହାକୁ **ମୁବାରତ (Mubarat)** କୁହାଯାଏ ।

ମୁସଲମାନ ବିବାହ ବିଚ୍ଛେଦ ଆଇନ, 1939 (Muslim Divorce Act, 1939) ଅନୁସାରେ ମଧ୍ୟ ଆଇନତଃ ବିବାହ ବିଚ୍ଛେଦ ହୋଇପାରେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୨.୫

୧. ନିମ୍ନୋକ୍ତ ବକ୍ତବ୍ୟଟି ଭୁଲ୍ କିମ୍ବା ଠିକ୍ ଦର୍ଶାନ୍ତୁ ।

ହିନ୍ଦୁ ବିବାହ ଇଚ୍ଛା ଅନୁସାରେ ଭଙ୍ଗ ହୋଇପାରିବ ।

୨. ସଠିକ ଉତ୍ତର ବାଛନ୍ତୁ ।

ସବୁଠାରୁ ଲୋକ ପ୍ରିୟ ହିନ୍ଦୁ ବିବାହ ହେଲା -

(କ) ବ୍ରାହ୍ମ (ଖ) ପ୍ରଜାପତ୍ୟ (ଗ) ଦୈବ

୩. ମୁସଲମାନ ବିବାହ ଏକ ସାମାଜିକ ଚୁକ୍ତି ।

ଏହି କଥନଟି ଭୁଲ୍ କିମ୍ବା ଠିକ୍ ?

୪. କେତେ ପ୍ରକାରର ମୁସଲିମ ବିବାହ ରହିଛି ?

୫. ମେଳକ କରନ୍ତୁ (Match the following)

| | | |
|---|---|---|
| (କ) ଅର୍ଶ | ୧. | ପିତାମାତାଙ୍କ ସହ ପରାମର୍ଶ ପରେ କରାଯାଉଥିବା ବିବାହ |
| (ଖ) ଗାନ୍ଧର୍ବ | ୨. | ବର ଓ କନ୍ୟାର ସହମତି / ପସନ୍ଦରେ ହେଉଥିବା ବିବାହ |
| (ଗ) ଦୈବ | ୩. | ବ୍ରାହ୍ମଣ ପୁରୋହିତ ସହିତ ବିବାହ |
| (ଘ) ପ୍ରଜାପତ୍ୟ | ୪. | କନ୍ୟା ପିତାକୁ ହଳେ ଗାଇ କିମ୍ବା ବଳଦ, ଉପହାର ସ୍ୱରୂପ ପ୍ରଦାନ ପରେ ହେଉଥିବା ବିବାହ |



ଟୀପ୍ପଣୀ

## ୧୨.୭ ବିବାହରେ ସାଂପ୍ରତିକ ପରିବର୍ତ୍ତନ (Changes in marriage)

ସମୟର ପ୍ରବାହ ସହିତ ବିବାହ ରୂପକ ଅନୁଷ୍ଠାନରେ ଅନେକ ପରିବର୍ତ୍ତନ ଆସିଛି । ସେହି ସବୁ ପରିବର୍ତ୍ତନ ନିମ୍ନରେ ଆଲୋଚନା କରାଯାଇଛି ।

- ବିବାହର ପ୍ରକାର ରେ ପରିବର୍ତ୍ତନ, ଅର୍ଥାତ୍ ବହୁସାଥୀ ବିବାହରୁ ଏକ ସାଥୀ ବିବାହକୁ ପରିବର୍ତ୍ତିତ ହୋଇଛି । ଆଧୁନିକ ଯୁଗରେ ଏକ ସାଥୀ ବିବାହକୁ ସବୁଠାରୁ ଲୋକପ୍ରିୟ ବିବାହ ଭାବେ ଗ୍ରହଣ କରାଯାଇଛି ।
- ବୈବାହିକ ସାଥୀର ଚୟନ ପ୍ରକ୍ରିୟାରେ ମଧ୍ୟ ବିଭିନ୍ନ ପ୍ରକାରର ପରିବର୍ତ୍ତନ ହୋଇଛି । ବର୍ତ୍ତମାନ ସମୟରେ ଯୁବକ, ଯୁବତୀ ମାନେ ନିଜ ପସନ୍ଦ ଅନୁସାରେ ଯେ କୌଣସି ଜାତିର ସାଥୀ ବାଛୁଛନ୍ତି । ଏହି ସବୁ ଆନ୍ତଃଜାତି ବିବାହ ପରିବାର ଓ ସମାଜ ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ସ୍ୱୀକାର କରାଯାଉଛି ।
- ସ୍ୱତନ୍ତ୍ର ବିବାହ ଆଇନ-1954, ଆନ୍ତଃ ଜାତି ଓ ଆନ୍ତଃ ସଂପ୍ରଦାୟ ବିବାହକୁ ସ୍ୱୀକୃତ ଦେଇଛି । ବର୍ତ୍ତମାନ ବର ଓ କନ୍ୟା, ଜଣେ ବିବାହ ଅଧିକାରୀ ଙ୍କ ଉପସ୍ଥିତିରେ ଏକ ଆଇନଗତ ଦସ୍ତାବିଜ୍ ରେ ସ୍ୱାକ୍ଷର କରି ବିବାହ କରି ପାରୁଛନ୍ତି ।
- ଆଜିକାଲି ପୁଅଝିଅ ମାନେ ପାରସ୍ପାରିକ ଆକର୍ଷଣ ଭିତ୍ତିରେ ନିଜ ନିଜର ସାଥୀ ଚୟନ କରୁଛନ୍ତି । ନିଜ ପିଲାମାନଙ୍କ ପାଇଁ ବିବାହ ସାଥୀ ଖୋଜିବାରେ ପିତାମାତାଙ୍କର ଭୂମିକା ମଧ୍ୟ ଧୀରେ ଧୀରେ ଗୌଣ ହେବାର ଲାଗିଛି । ଏହା ବିଶେଷ କରି ସହର କ୍ଷେତ୍ରରେ ଦେଖାଯାଉଛି ।
- ସାଥୀ ଚୟନର ମାପକାଠିରେ ମଧ୍ୟ ପରିବର୍ତ୍ତନ ଆସିଛି । ଅତୀତରେ ପରିବାରର ମୁଖିଆ ମାନେ ପାରିବାରିକ ପ୍ରସ୍ଥିତିର ଆକଳନ କରିବା ପରେ ବିବାହ ପ୍ରସ୍ତାବକୁ ଚୁଡାନ୍ତ କରୁଥିଲେ । ବର୍ତ୍ତମାନ ପାରିବାରିକ ପ୍ରସ୍ଥିତିର ଗୁରୁତ୍ୱ ରହିଥିଲେ ସୁଦ୍ଧା ପୁଅଝିଅ ଙ୍କର ମତାମତ, ପସନ୍ଦ-ନାପସନ୍ଦକୁ ମଧ୍ୟ ବିଚାରକୁ ନିଆଯାଇଥାଏ ।
- ପୁଅ ଝିଅ ମାନେ ବର୍ତ୍ତମାନ ସ୍ୱାବଲମ୍ବୀ ହେବା ପରେ ବିବାହ କରିବାକୁ ପସନ୍ଦ କରୁଛନ୍ତି । ଫଳତଃ ବର୍ତ୍ତମାନ ବିବାହ ବୟସ ସୀମା ବହୁତ ପ୍ରସାରିତ ହୋଇଛି । ତେଣୁ ବିବାହ ବୟସ ରେ ମଧ୍ୟ ପରିବର୍ତ୍ତନ ଆସିଛି । ଅଧିକ ବୟସରେ ବିବାହ କରିବା ବର୍ତ୍ତମାନ ଏକ ବାଧ୍ୟ ବାଧକତା ହୋଇଯାଇଛି । ହିନ୍ଦୁ ବିବାହ ଆଇନ-1955, ପୁଅ ଝିଅର ବୟସ ସୀମା ଯଥା କ୍ରମେ 21ଏବଂ 18 କୁ ସ୍ଥିର କରିଛି । ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ, 1929 ବାଲ୍ୟ ବିବାହକୁ ପ୍ରତିବନ୍ଧିତ କରିଛି ।
- ଅତୀତ ରେ ହିନ୍ଦୁ ବିବାହକୁ ଅଭଙ୍ଗନୀୟ (indissoluble) ଭାବରେ ଗ୍ରହଣ କରାଯାଉଥିଲା କିନ୍ତୁ ହିନ୍ଦୁ ବିବାହ ଆଇନ ହିନ୍ଦୁ ମାନଙ୍କୁ ବିଚ୍ଛେଦର ଅଧିକାର ଦେଇଛି, ଫଳତଃ ବିବାହର ସ୍ଥାୟୀତ୍ୱ ଗଭୀର ଭାବରେ ପ୍ରଭାବିତ ହୋଇଛି । ତେବେ ଏହାର ଉତ୍ତମ ଦିଗଟି ହେଲା, ସ୍ୱାମୀ ଓ ସ୍ତ୍ରୀ ପାରସ୍ପାରିକ ସୁଖ, ଶାନ୍ତି, ବୁଝାମଣାର ଅଭାବ କ୍ଷେତ୍ରରେ ପରସ୍ପର ଠାରୁ ଦୂରେଇ ଯାଇ ପାରିବେ ।
- ହିନ୍ଦୁ ବିଧବା ପୁନର୍ବିବାହ ଆଇନ, ବିଧବା ମାନଙ୍କୁ ପୁନର୍ବିବାହ କରିବାର ଅଧିକାର ଦେଇଛି । ଆଗରୁ ବିଧବା ମାନଙ୍କର ପୁନର୍ବିବାହ ଅଧିକାର ନ ଥିଲା ।
- ସମାଜର କେତେକ ଗୋଷ୍ଠୀ ଙ୍କ କ୍ଷେତ୍ରରେ ଯୌତୁକ ଦାବୀ ପ୍ରବଳତର ହୋଇଛି । ଶାଶୁ ଘରେ ଝିଅ ମାନଙ୍କ ଉପରେ ଯୌତୁକକୁ ନେଇ ଅତ୍ୟାଚାର ଘଟଣା ମଧ୍ୟ ବଢ଼ିଛି । କେତେକ କ୍ଷେତ୍ରରେ







ଯୌତୁକ ଜନିତ ବଧୂହତ୍ୟା ମଧ୍ୟ ହେଉଛି । ଯୌତୁକ ନିରୋଧ ଆଇନ-1961, ଯୌତୁକ ଦେବା ଓ ନେବାକୁ ପ୍ରତିବନ୍ଧିତ କରିଥିବା ବେଳେ, ସମାଜ ରେ ଏହି ପ୍ରଥା ନିରନ୍ତର ଭାବେ ଚାଲିଛି, ଏହି ଆଇନ ତା'ର ପ୍ରଭାବ ହରାଇଛି ।

➪ ଆଜିର ଯୁବ ସମାଜ ଯୌତୁକ, ଜାତି, ଧର୍ମ, ପିତାମାତାଙ୍କର ଚାପ ଜନିତ ସମସ୍ୟାକୁ ଏଡ଼ାଇବାକୁ ଯାଇ ପରିବାର ଦ୍ୱାରା ସ୍ଥିରିକୃତ ବିବାହ ବଦଳ ରେ ନିଜ ପସନ୍ଦ ରେ ବିବାହ କରିବାକୁ ପସନ୍ଦ କରୁଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୨.୬

୧. ନିମ୍ନୋକ୍ତ କଥନ ଟି ଭୁଲ କିମ୍ୱା ଠିକ୍ ଦର୍ଶାଅ ।
ହିନ୍ଦୁ ବିବାହ, ଆଇନଗତ ଭାବରେ ମଧ୍ୟ ଅଭଙ୍ଗନୀୟ ।

୨. ସଠିକ ଉତ୍ତର ଟି ବାଛନ୍ତୁ

ବିବାହ ସଂପର୍କୀୟ ମନୋବୃତ୍ତି -

(କ) ଆବଶ୍ୟକତା ଭିତ୍ତିକ ହେଉଛି

(ଖ) ପରଂପରା ଭିତ୍ତିକ ହେଉଛି

(ଗ) ତର୍କ ଭିତ୍ତିକ ହେଉଛି ।

୩. ମେଳକ କରନ୍ତୁ ।

| | |
|---|---|
| (କ) ପାରଂପାରିକ ସ୍ଥିରିକୃତ ବିବାହ | ୧. ପରିବାର ପ୍ରସ୍ଥିତି ଓ ଜାତି ଭିତ୍ତିରେ ପର୍ଯ୍ୟବସିତ । |
| (ଖ) ଆଧୁନିକ ସ୍ଥିରିକୃତ ବିବାହ | ୨. ଜାତି ଓ ଯୌତୁକ ଭିତ୍ତିରେ ପର୍ଯ୍ୟବସିତ । |
| (ଗ) ପସନ୍ଦ ବିବାହ | ୩. ଆପୋଷ ପସନ୍ଦ, ନାପସନ୍ଦ ଭିତ୍ତିରେ ପର୍ଯ୍ୟବସିତ । |

୪. ନିମ୍ନୋକ୍ତ କଥନ ପାଇଁ ସଠିକ୍ ବିକଳ୍ପ ବାଛନ୍ତୁ ।
ଆଜିକାଲି ପୁଅ ଝିଅମାନେ ପିତାମାତାଙ୍କ ଦ୍ୱାରା ସ୍ଥିର କରାଯାଉଥିବା ବିବାହକୁ ବିରୋଧ କରୁଛନ୍ତି, କାରଣ -

(୧) ଅତ୍ୟଧିକ ଯୌତୁକ ଦାବୀ

(୨) ପୁଅ ଝିଅଙ୍କ ପସନ୍ଦ ଓ ଅପସନ୍ଦର ଉପେକ୍ଷା

(୩) ଜାତି ଓ ସଂପ୍ରଦାୟ କଟକଣା ଭିତ୍ତିରେ ସାଥୀ ଚୟନ

(୪) ଉପରୋକ୍ତ ସମସ୍ତ ।

## କ'ଣ ଶିଖିଲେ

➪ ବିବାହର ମୂଳ ଭିତ୍ତି ଉପରେ ପରିବାର ଗଠିତ ।

➪ ନାରୀ ଓ ପୁରୁଷ ମଧ୍ୟରେ ଥିବା ସାମାଜିକ ସ୍ୱୀକୃତି ପ୍ରାପ୍ତ ସ୍ଥିର ସଂପର୍କକୁ ବିବାହ କୁହାଯାଏ ।

➪ ପରିବାର ଗଠନ ଉଦ୍ଦେଶ୍ୟରେ ନାରୀ ଓ ପୁରୁଷ ମଧ୍ୟରେ ଜୈବିକ ଇଚ୍ଛା ପରିପୂରଣ ଓ ସାମାଜିକ-ଅର୍ଥନୈତିକ ସଂପର୍କ ସ୍ଥାପନକୁ ବିବାହ ଅନୁମତି ଦେଇଥାଏ ।

➪ ବିବାହର ପ୍ରକାର୍ଯ୍ୟ ମାନ ହେଲା -
୧. ଯୌନ ପ୍ରବୃତ୍ତିର ନିୟନ୍ତ୍ରଣ



ଟୀପ୍‌ପଣୀ

୨. ଅର୍ଥନୈତିକ ସହଯୋଗ

୩. ସନ୍ତାନ ଉତ୍ପାଦନ ଓ ସେମାନଙ୍କର ପାଳନ ପୋଷଣ

➪ ସାଥୀଙ୍କ ସଂଖ୍ୟା ଭିତ୍ତିରେ ବିବାହର ପ୍ରକାର ମାନେ ହେଲେ -
(୧) ଏକ ସାଥୀ ବିବାହ (୨) ବହୁ ସାଥୀ ବିବାହ
(୩) ବହୁ ସ୍ତ୍ରୀ ବିବାହ ଓ (୪) ବହୁ ସ୍ୱାମୀ ବିବାହ

➪ ଦେହ ଓ ଆତ୍ମାକୁ ପବିତ୍ର କରୁଥିବା ଧାର୍ମିକ ସଂସ୍କାର ହେଉଛି ବିବାହ ।

➪ ଏହା ଧାର୍ମିକ ଦୃଷ୍ଟିକୋଣରୁ ଅଭଙ୍ଗନୀୟ ହେଲେ ସୁଦ୍ଧା, ହିନ୍ଦୁ ବିବାହ ଆଇନ, ବିଚ୍ଛେଦ ବା ଛାଡ଼ପତ୍ରକୁ ଆଇନତଃ ଅନୁମତି ଦେଇଛି ।

➪ ଚାରିପ୍ରକାରର ମୁସଲିମ ବିବାହ ରହିଛି -
(୧) ନିକାହ, (୨) ଫସିଦ, (୩) ମୁତା, (୪) ବାତିଲ

➪ ବିବାହ ସଂପର୍କୀୟ ଦୃଷ୍ଟିଭଙ୍ଗୀ ବଦଳିବାରେ ଲାଗିଛି । ଏହା ବର୍ତ୍ତମାନ ଉପାଦେୟ ଭିତ୍ତିକ ବା ଆବଶ୍ୟକତା-ଭିତ୍ତିକ ହୋଇ ଯାଇଛି । ଯୌତୁକ ଦାବୀ ବଢ଼ୁଛି ଓ ଏଥିପାଇଁ ବଧୂ ନିର୍ଯ୍ୟାତନା ମଧ୍ୟ ବଢ଼ୁଛି ।

➪ ଯୌତୁକ, ଜାତି ଓ ସଂପ୍ରଦାୟ ଭିତ୍ତିକ କଟକଣାକୁ ଏଡ଼ାଇବାକୁ ଯାଇ ଆଜିକାଲି ପୁଅଝିଅ ମାନେ ନିଜ ପସନ୍ଦ ରେ ବିବାହ କରିବାକୁ ଉଚିତ ମନେ କରୁଛନ୍ତି ।

➪ ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ୟରେ ମାନସିକ ଅସାମଞ୍ଜସ୍ୟ ଓ ଅସୀମିତ ଦୂରାଚାର କାରଣରୁ ବିବାହ ବିଚ୍ଛେଦ ବଢ଼ୁଛି ।

➪ ଛାଡପତ୍ର ଆଇନର ସରଳୀକରଣ ହୋଇଛି ।

➪ ସ୍ୱତନ୍ତ୍ର ବିବାହ ଆଇନ-1954, ଆନ୍ତଃ ଜାତି ଓ ଆନ୍ତଃ ସଂପ୍ରଦାୟ ବିବାହକୁ ଅନୁମତି ଦେଇଛି ।

➪ ହିନ୍ଦୁ ବିଧବା ପୁନର୍ବିବାହ ଆଇନ-1856 ଅନୁସାରେ ବିଧବା ମାନେ ମଧ୍ୟ ପୁନର୍ବିବାହ କରୁଛନ୍ତି ।

➪ ଯୌତୁକ ଦେବା ଓ ନେବା, ଯୌତୁକ ନିରୋଧ ଆଇନ-1961 ଦ୍ୱାରା ପ୍ରତିବନ୍ଧିତ / ନିଷିଦ୍ଧ ହୋଇଛି ।

➪ ହିନ୍ଦୁ ବିବାହ ଆଇନ-1955 ଦ୍ୱାରା ବିବାହ ପାଇଁ ପୁଅ ଝିଅ ଙ୍କ ସର୍ବନିମ୍ନ ବୟସ ଯଥାକ୍ରମେ 21 ଓ 18 ସ୍ଥିର କରାଯାଇଛି ।

## ପାରିଭାଷିକ ଶବ୍ଦାବଳୀ (Glossary)

**ଅନୁଲୋମ :** ଉଚ୍ଚଜାତି ପୁରୁଷର ନୀଚ ଜାତି ନାରୀ ସହିତ ବିବାହ ।

**ବିପରୀତ ସଂପର୍କୀୟ ଭାଇ ଭଉଣୀ ବିବାହ :** ଭାଇ ଓ ଭଉଣୀଙ୍କର ସନ୍ତାନ ମାନଙ୍କର ପରସ୍ପର ମଧ୍ୟରେ ବିବାହ । **(Cross Cousin Marriage)**

**ଅନ୍ତର୍ବିବାହୀ ନିୟମ (Endogamy) :** ନିଜ ସମୁହ ବା ଜାତି ମଧ୍ୟରେ ବିବାହ କରିବାର ବାଧ୍ୟବାଧକତା । ଏହି ଅନ୍ତର୍ବିବାହୀ ଏକକ ଟି ଏକ ଜ୍ଞାତି ଏକକ, ସଂପ୍ରଦାୟ, ସାମାଜିକ ଶ୍ରେଣୀ, ଜାତି ଇତ୍ୟାଦି ହୋଇପାରନ୍ତି ।

**ବହିର୍ବିବାହୀ ନିୟମ :** ଏକ ନିର୍ଦ୍ଧିଷ୍ଟ ସମୁହ ବାହାରେ ହେଉଥିବା ବିବାହ । ଏହି ନିର୍ଦ୍ଧିଷ୍ଟ ସମୁହ ଏକ ଜ୍ଞାତି ସମୁହ ଯଥା - ପରିବାର, ଗୋତ୍ର, ଗ୍ରାମ ବା ଅନ୍ୟ ସାମାଜିକ ସମୁହ ହୋଇପାରେ ।

**ଅରମ୍ୟା ରମଣ / ଅଗମ୍ୟା ଗମନ (Incest) :** ଏକ ଏକକ ପରିବାର (Nuclear Family) ର ସଦସ୍ୟ ମାନଙ୍କ ମଧ୍ୟରେ ଯୌନ ସଂପର୍କ । ଯାହାକୁ ପ୍ରାୟତଃ ସବୁ ସମାଜରେ ନିଷିଦ୍ଧ କରାଯାଇଥାଏ । ଅନ୍ୟ ଭାଷାରେ କହିଲେ ଏହା ହେଉଛି ସେହି ସଂପର୍କ, ଯାହା ଘନିଷ୍ଠ ଜ୍ଞାତି, ଯଥା : ବାପା-ଝିଅ, ମା-ପୁଅ ଓ ଭାଇ-ଭଉଣୀ ମାନଙ୍କ ମଧ୍ୟରେ ହୋଇଥାଏ ଓ ସମାଜ ଏହି ସଂପର୍କକୁ ନିଷେଧ କରିଥାଏ ।



ଟୀପ୍ପଣୀ

**ଅନୁଷ୍ଠାନ (Institution) :** କାର୍ଯ୍ୟ ରୀତି ବା କାର୍ଯ୍ୟ କରିବାର ପ୍ରତିଷ୍ଠିତ ଶୈଳୀ ।

**ଏକ ବିବାହ (Monogamy) :** ଏକ ବିବାହ ଏକ ସମୟରେ ଜଣେ ପୁରୁଷ ଜଣେ ନାରୀକୁ ବିବାହ କଲେ, ତାକୁ ଏକ ବିବାହ କୁହାଯାଏ ।

**ସମାନାନ୍ତର ସଂପକୀୟ ଭାଇ-ଭଉଣୀ ବିବାହ (Parallel Cousin marriage) :** ଦୁଇ ଭାଇ ଭଉଣୀଙ୍କର ସନ୍ତାନ ମାନଙ୍କର ବିବାହ ।

**ବହୁ ସ୍ୱାମୀ ବିବାହ (Polyandry) :** ଏକ ପ୍ରକାର ବିବାହ ଯେଉଁଥିରେ ଜଣେ ନାରୀ ଏକାଧିକ ପୁରୁଷଙ୍କୁ ବିବାହ କରିଥାଏ ।

**ବହୁସାଥୀ ବିବାହ (Polygamy) :** ଏହି ପ୍ରକାର ବିବାହ ରେ ଏକସ୍ୱାମୀର ଏକାଧିକ ସ୍ତ୍ରୀ ଥିଲା ବେଳେ, ଏକ ସ୍ତ୍ରୀର ମଧ୍ୟ ଏକାଧିକ ସ୍ୱାମୀ ଥା'ନ୍ତି ।

**ବହୁ ସ୍ତ୍ରୀ ବିବାହ (Polygyny) :** ଏହି ପ୍ରକାର ବିବାହ ରେ ଏକ ସ୍ୱାମୀ ର ଏକ ସଂଗେ ଏକାଧିକ ସ୍ତ୍ରୀ ଥାନ୍ତି ।

**ପ୍ରତିଲୋମ :** ଏକ ଉଚ୍ଚଜାତି କନ୍ୟାର ଏକ ନିମ୍ନଜାତି ବର ସହ ବିବାହ ।

**ସଂସ୍କାର :** ପବିତ୍ର ବନ୍ଧନ, ଧାର୍ମିକ ରୀତି ନୀତି, ଯାହା ବ୍ୟକ୍ତିକୁ ଶୁଦ୍ଧ କରିଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ

୧. ସଂକ୍ଷେପରେ ବିବାହର ପ୍ରକାର୍ଯ୍ୟ ମାନ ଆଲୋଚନା କର ।

୨. ଉପଯୁକ୍ତ ଉଦାହରଣ ନେଇ ସାଥୀ ଙ୍କ ସଂଖ୍ୟା ଆଧାର ରେ ବିବାହର ପ୍ରକାର ମାନ ଆଲୋଚନା କର ।

୩. ହିନ୍ଦୁ ବିବାହର ଉଦ୍ଦେଶ୍ୟ ମାନ ଆଲୋଚନା କର ।

୪. ମୁସଲିମ୍ ବିବାହ, ହିନ୍ଦୁ ବିବାହ ଠାରୁ କିପରି ଅଲଗା ?

୫. ନିମ୍ନୋକ୍ତ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ :
   (୧) ପ୍ରଜାପତ୍ୟ ବିବାହ (୨) ସହି ନିକାହ
   (୩) ମୁସଲିମଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରଚଳିତ ଛାଡ଼ପତ୍ର ।
   (୪) ବିବାହ ସଂପର୍କୀୟ ପରିବର୍ତ୍ତିତ ଦୃଷ୍ଟିଭଙ୍ଗୀ ।

---

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର :

**୧୨.୧** ୧ - ଠିକ୍, ୨ - (ଘ), ୩ - ସାମାଜିକ ଓ ଧାର୍ମିକ

**୧୨.୨** ୧ - (ଗ), ୨ - ଠିକ୍ , ୩ - ଆପୋଷ ଆଲୋଚନା

**୧୨.୩** ୧ - (କ), ୨ - ସରୋରେଟ ବା ଶାଳୀ ବିବାହ ୩ - ଭୁଲ୍

**୧୨.୪** ୧ - (ଘ), ୨ - ଠିକ୍, ୩ - ଠିକ୍

**୧୨.୫** ୧ - ଭୁଲ, ୨ - (ଖ) , ୩ - ଠିକ୍, ୪ - ଚାରି ପ୍ରକାରର - ନିକାହ, ଫସିଦ୍, ମୁତା ଓ ବାତିଲ । ୫ - (କ) - (୪), (ଖ) - (୨), (ଗ) - (୩), (ଘ) - (୧)

**୧୨.୬** ୧ - ଭୁଲ, ୨ - (କ) ୩ - କ (୧), ଖ (୨), ଗ (୩)